# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 1 March – 2025

## ବଦଳି

ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଗତକାଲି ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କଟକ ଓ ଭୁବନେଶ୍ୱର ଡିସିପିଙ୍କ ସମେତ ୨୬ ଜଣଙ୍କ ବଦଳି କରାଯାଇଛି । ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ମିଳିଥିବା ବେଳେ କଟକରେ ଏହି ପଦବୀ ପାଇଁ ଖିଲାରୀ ରିଷିକେଶଙ୍କୁ ଦାୟିତ୍ୱ ମିଳିଛି । ସେହିପରି ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କୁ ସ୍ୱତନ୍ତ୍ର ଟାସ୍କଫୋର୍ସର ଡିଆଇଜି ଭାବେ ବଦଳି କରାଯାଇଚି । ରାଜ୍ୟ ସରକାର ଏସ୍.ଏମ୍ ନରୱାଣେଙ୍କୁ ରାଜ୍ୟ ମାନବାଧିକାର କମିଶନର ସ୍ୱତନ୍ତର ଡିଜି ଭାବେ ଅବସ୍ଥାପିତ କରିଛନ୍ତି । ଯତୀନ୍ଦ୍ର କୋୟଲଙ୍କୁ ଏଚ୍.ଆର୍.ପି.ସି.ରେ ଏଡିଜି ଓ ଆଇଜି ଏସ୍. ପ୍ରବୀଣ କୁମାରଙ୍କୁ କଟକସ୍ଥିତ କେନ୍ଦ୍ରୀୟ ରେଞ୍ଜକୁ ବଦଳି କରାଯାଇଛି । ଅବକାରୀ କମିଶନର ନରସିଂହ ଭୋଳଙ୍କୁ ଭୁବନେଶ୍ୱର-କଟକ ଅତିରିକ୍ତ କମିଶନରେଟ ପୋଲିସ୍, ଦୀପକ କୁମାରଙ୍କୁ ଆଇଜି ଅପରେସନ ଏବଂ ଜୟନାରାୟଣ ପଙ୍କଜଙ୍କୁ ଗୁଇନ୍ଦା ବିଭାଗରେ ଅବସ୍ଥାପିତ କରାଯାଇଛି ।

## ସୁଭଦ୍ରା ଯୋଜନା

ଚଳିତମାସ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟ ସରକାର ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିବେ ।

ବ୍ରହ୍ମପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ଏକସଙ୍ଗେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ କରିବେ । ପ୍ରଥମ କିସ୍ତି ଟଙ୍କା ପାଇବାରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାରେ ଏକସଙ୍ଗେ ଦୁଇଟିଯାକ କିସ୍ତିର ଅର୍ଥ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି ।

# ପ୍ରଭାତୀ ପରିଡ଼ା-ସୁଭଦ୍ରା

ରାଜ୍ୟର ୯୮ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ବେଳେ ଚଳିତ ମାସ ୮ ତାରିଖରେ ୧ କୋଟି ମହିଳାଙ୍କୁ ସୁଭଦ୍ରା ଅର୍ଥ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପୁରୀ ଜିଲ୍ଲା ତାଳବଣିଆ ଷ୍ଟାଡିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନ ଓ ବଜାର ସୃଷ୍ଟି ପାଇଁ ଏଭଳି ମେଳାର ଆୟୋଜନ କରାଯାଉଥିବା ସେ କହିଛନ୍ତି । ପ୍ରତି ଗ୍ରାମର ଅନ୍ୟୂନ ୫ ଜଣ ମହିଳାଙ୍କୁ ଲକ୍ଷପତି କରିବାର ଯୋଜନା ରହିଛି ବୋଲି ସେ କହିଛନ୍ତି । ଏହି ମେଳା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

ସେହିପରି ମାଲକାନଗିରି ଜିଲ୍ଲା ଡିଏନ୍‌କେ ଖେଳପଡ଼ିଆରେ ସୁଭଦ୍ରା ଶକ୍ତିମେଳାକୁ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଉଦ୍‌ଘାଟନ କରିଛନ୍ତି । ଏଥିରେ ୧୫୦ଟି ଷ୍ଟଲ୍‌ରେ ଜିଲ୍ଲାର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଛନ୍ତି ।

## ରାସନ କାର୍ଡ଼ - ପଞ୍ଜୀକରଣ

ରାଜ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ନୂଆ ରାସନ କାର୍ଡ ପଞ୍ଜୀକରଣ ଆଜିଠାରୁ ଆରମ୍ଭ ହେବ । ଅନ୍‌ଲାଇନ୍ ଯୋଗେ ହିତାଧିକାରୀମାନେ ନାମ ପଞ୍ଜୀକରଣ କରିପାରିବେ । ସମ୍ବଲପୁରଠାରେ ଖରିଫ ଧାନ କିଣାନେଇ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଅବସରରେ ଗଣମାଧ୍ୟମକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇ କହିଛନ୍ତି, ଚଳିତମାସ ୩୧ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରାଯିବ । ପୂର୍ବରୁ ବାଦ୍ ପଡ଼ିଥିବା ନୂଆ ହିତାଧିକାରୀମାନେ ରାସନ କାର୍ଡ ପାଇଁ ଆବେଦନ କରିପାରିବେ। ୪ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡକୁ ନାକଚ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ପାରିଶ୍ରମିକ ବୃଦ୍ଧି

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ କାର୍ଯ୍ୟରତ ପାଚିକା ତଥା ସହାୟିକାଙ୍କ ମାସିକ ପାରିତୋଷିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏହି ବର୍ଦ୍ଧିତ ପାରିତୋଷିକ ଲାଗୁ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟର ରାଜ୍ୟ ଭାଗରୁ ଏହି ବର୍ଦ୍ଧିତ ଅର୍ଥ ପ୍ରଦାନ କରାଯିବ ।

# ଧାନକ୍ରୟ

ପୁରୀ ଜିଲ୍ଲାରେ ଚଳିତମାସ ୨୫ ତାରିଖ ସୁଦ୍ଧା ଧାନ କ୍ରୟ ସାରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗାଣ ବିଭାଗ ଓ ମିଲରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ପୁରୀ ଜିଲ୍ଲା ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଧାନକିଣା ସଂପର୍କିତ ସମୀକ୍ଷା ବୈଠକରେ  ଜିଲ୍ଲାର ପଞ୍ଜୀକୃତ ୪୮ ହଜାର ୯୬୪ ଜଣ କୃଷକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୨ ହଜାର ୨୪୮ ଜଣ ଚାଷୀ ଧାନ ବିକ୍ରି କରିଥିବା ଜଣାପଡ଼ିଛି । କୌଣସି ଚାଷୀ ଯେପରି ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

ଆଦିବାସୀ ଅଞ୍ଚଳରେ ଯୁବକ ଯୁବତୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ ରିଜର୍ଭ ପୋଲିସ୍ ବଳ ଅଟାଙ୍ଗଗୁଡ଼ାସ୍ଥିତ କ୍ୟାମ୍ପ ପରିସରରେ ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟ ଆରମ୍ଭ ହୋଇଛି । ଏଥିରେ ଭବାନୀପାଟଣା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ୨୦ ଜଣ ଯୁବକ ଯୁବତୀ ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରକୁ ଯାତ୍ରା କରିବେ ବୋଲି ଜଣାପଡ଼ିଛି । ପୂର୍ବରୁ ୧୦ଟି ପର୍ଯ୍ୟାୟରେ ରାମପୁର ଓ ଭବାନୀପାଟଣା ବ୍ଲକର ୪୩୦ ଜଣ ଯୁବକ ଯୁବତୀଙ୍କୁ ଅନ୍ୟ ସହରକୁ ପଠାଯାଇଥିଲା ।

# ପାନୀୟ ଜଳ ପ୍ରକଳ୍ପ

ପୁରୀ ଜିଲ୍ଲା ଗୋପ ବ୍ଲକର ୮୪ଟି ଗ୍ରାମ, ନିମାପଡ଼ା ବ୍ଲକର ୬ଟି ଗ୍ରାମ ଏବଂ ସଦର ବ୍ଲକର ୬୭ଟି ଗ୍ରାମ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୨୧୩କୋଟିରୁ ଅଧିକ ଟଙ୍କା ମୂଲ୍ୟର ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହିପ୍ରକଳ୍ପ ଦ୍ୱାରା ୧ ଲକ୍ଷ ୩୪ ହଜାର ୧୬୭ ଜଣ ଲୋକ ଉପକୃତ ହେବେ ।  ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ରବୀନାରାୟଣ ନାୟକ ପୁରୀ ଜିଲ୍ଲାର ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ ।

# କୃଷକ ସଚେତନତା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ଅନ୍ତର୍ଗତ କୁମ୍ଭାରୀଆ ଗ୍ରାମରେ କୃଷି ବିଭାଗ ଏବଂ ଏଡିଆଇ ପକ୍ଷରୁ କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୃଷି ବିଭାଗର ବରିଷ୍ଠ ଅଧିକାରୀ ଓ କୃଷି ବୈଜ୍ଞାନିକ ପ୍ରମୁଖ ଯୋଗଦେଇ ଡାଲିଜାତୀୟ ଫସଲ ଓ ଅନ୍ୟାନ୍ୟ ତୈଳବୀଜ ଚାଷର ପଦ୍ଧତି ସଂପର୍କରେ ଏଥିରେ ଆଲୋଚନା କରିଥିଲେ ।

# ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଜିଲ୍ଲାପାଳ ବସୁନ୍ଧରା ଯୋଜନାର ସଠିକ୍ ହିତାଧିକାରୀ ଚିହ୍ନଟ କରିବା ସହ ମ୍ୟୁଟେସନ୍ ମାମଲା ଗୁଡ଼ିକର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# ବିକଶିତ ଗାଁ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶୋକ ଦାସ ଯୋଗ ଦେଇ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ସମସ୍ତଙ୍କ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି ।

# ପାଣିପାଗ

ରାଜ୍ୟରେ ଦିନ ଓ ରାତି ତାପମାତ୍ରା ବୃଦ୍ଧି ପାଇଛି । ଗତକାଲି ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ରେ ୩୬ ଦଶମିକ ୯ ଏବଂ ବଲାଙ୍ଗୀର, ବୌଦ୍ଧ ଓ ଟିଟିଲାଗଡ଼ରେ ୩୬ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି । ଆସନ୍ତା ୪ରୁ ୫ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି ।